● ପାଳନ ହେଉନି ହାଇକୋର୍ଟଙ୍କ ଆଦେଶ

## ଜମି ଜବରଦଖଲକାରୀଙ୍କୁ ହଟାଇବାରେ ପ୍ରଶାସନ ବିଫଳ

ପ୍ରୀତିପୁର,୨୫।୩(ସମିସ): ଭୂମିହୀନ ବୋଲି ମିଥ୍ୟା କାଗଜାତ ଦାଖଲ କରି ହାତେଇଥିବା ପଟ୍ଟାକୁ ହାଇକୋର୍ଟ ବାତିଲ କରିଥିଲେ ମଧ୍ୟ ପ୍ରଶାସନ ଏହି ଅନାବାଦି ଜମିରୁ ଜବରଦଖଲ ହଟାଇ ପାରିନି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତର ବଡ଼ ମଲ୍ଲୀପୁର ଗ୍ରାମର କୈଳାସ ଯେନା, ସୁଦର୍ଶନ ଯେନା, ବ୍ରହ୍ମାନନ୍ଦ ଯେନା, ଭାନୁମତୀ ଯେନା, ଧରଣୀ ଯେନା, ଶିଶିର ଯେନା ପ୍ରମୁଖଙ୍କ ନାମରେ ଜମି ରହିଥିବା ବେଳେ ଛଦ୍ମବେଶୀ ଭୂମିହୀନ ସାଜି ସେମାନେ ୨୬ ଡେସିମିଲ ଅନାବାଦୀ ଜମିର ପଟ୍ଟା ହାତେଇ ନେଇଥିଲେ। ଏହାକୁ ନେଇ ବିଞ୍ଝାରପୁର ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ତତ୍କାଳୀନ ତହସିଲଦାର ଏହାର ତଦନ୍ତରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଫଳରେ ଅଭିଯୋଗକାରୀ ପ୍ରସନ୍ନ ଯେନା ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇ ପଟ୍ଟା ରଦ୍ଦ କରାଯାଇଥିଲା। ମାତ୍ର ସରକାରୀ ଖାତାକୁ ଯାଇଥିବା ବଡମଲ୍ଲିପୁର ମୌଜା ଖାତା ନଂ ୪୩୪, ପ୍ଲଟ ନଂ ୨୧୭ ରକବା ୨୬ ଡେସିମିଲ ଜମିରୁ ଯେଉଁଥିରୁ ୧୮ ଡେସିମିଲ ଜମି ବସୁନ୍ଧରା ଯୋଜନାରେ ଯାହାକୁ କୈଳାସ ଯେନା ଓଗେର ବେଆଇନ ଭାବରେ ହାତେଇ ନେଇଥିଲେ। ତନ୍ମଧ୍ୟରୁ ସେମାନଙ୍କ ଅବରୋଧ ହଟାଇବା ନିମନ୍ତେ ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର ତତ୍କାଳୀନ ତହସିଲଦାର, କେବଳ ନାମକୁ ମାତ୍ର ଅବରୋଧ ହଟାଇବା ସହିତ ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ କୈଳାସ ଯେନାର ସ୍ତ୍ରୀ ହାତରୁ ବର୍ଷା ଦିନ ପାଇଁ ସାମୟିକ ଭାବେ ଉଚ୍ଛେଦ ବନ୍ଦ ରଖିବା ନିମନ୍ତେ ଏକ ପିଟିସନ ଲେଖାଇ ନେଇଥିଲେ। ଦୀର୍ଘଦିନ ଧରି ପ୍ରଶାସନିକ ସ୍ଥାଣୁତା ଯୋଗୁ ଅଭିଯୋଗକାରୀ ପ୍ରସନ୍ନ ଯେନା ଜିଲ୍ଲାପାଳଙ୍କୁ ଭେଟି ଅବରୋଧ ହଟାଇବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ତହସିଲରେ ଯୋଗଦାନ କରିଥିବା ନୂତନ ତହସିଲଦାରଙ୍କୁ ମଧ୍ୟ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ନବନିଯୁକ୍ତ ତସିଲଦାର ଘଟଣାର ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିବା କହିଛନ୍ତି ଅଭିଯୋଗକାରୀ କହିଛନ୍ତି। ତେବେ ଅନାବାଦୀ ଜାଗାକୁ ଅବରୋଧ ମୁକ୍ତ କରିବା ପାଇଁ ତହସିଲଦାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି।

## ରକ୍ତଦାନ ଶିବିର ଓ ପୁରୁଣା ବସ୍ତ୍ର ସଂଗ୍ରହ

କୁଆଖିଆ,୨୫।୩(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଡ. ବସନ୍ତ କୁମାର ପଣ୍ଡାଙ୍କ ସ୍ମୃତିଉଦ୍ଦେଶ୍ୟରେ ଚନ୍ଦନେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଯାଜପୁର ରେଡ୍‌କ୍ରସ ସହାୟତାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହିତ ପୁରୁଣା ବସ୍ତ୍ର ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପାଧ୍ୟକ୍ଷ ଜନ୍ମେଜୟ ସାହୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ବିଚିତ୍ରାନନ୍ଦ କର, ସାମ୍ବାଦିକ ଗଗନ ବିହାରୀ ଦାସଙ୍କ ସହିତ ସମସ୍ତ ରକ୍ତଦାତାଙ୍କୁ ଟ୍ରଷ୍ଟର ଅଧ୍ୟକ୍ଷା ମିନତୀ ସାହୁ ସମ୍ବର୍ଦ୍ଧିତ କରିଥିଲେ। ମୋଟ ୨୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ନିମାଇଁ ପଣ୍ଡା, ସମ୍ପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ, କୁଳମଣୀ ନାୟକ, ସଙ୍ଗୀତା ଆଚାର୍ଯ୍ୟ, ଶିବରାମ ନନ୍ଦ, ସାମ୍ବାଦିକ ପ୍ରଶାନ୍ତ କୁମାର ନାୟକ, ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବହୁ ସଂଖ୍ୟାରେ ପୁରୁଣା ବସ୍ତ୍ର ସଂଗ୍ରହ କରାଯାଇଥିଲା। ଏହି ବସ୍ତ୍ରକୁ ଆଗାମୀ ଦିନରେ ବଳରାମପୁର ସ୍ଥିତ ବୁରୁସାହିରେ ବଣ୍ଟନ କରାଯିବ ବୋଲି ଟ୍ରଷ୍ଟ ତରଫରୁ କୁହାଯାଇଛି।

## ସୁତେଇବଡଗାଁ ଚାମ୍ପିଅନ୍ ଟ୍ରଫି; ହାଇ ଭୋଲ୍‌ଟେଜ୍ ଚାମ୍ପିଅନ୍

ରେମୁଣା,୨୫।୩(ସମିସ): ରେମୁଣା ବ୍ଲକ ସୁତେଇ ପଞ୍ଚାୟତରେ ମହାବୀର କ୍ରିକେଟ କ୍ଲବ ତରଫରୁ ସୁତେଇ ବଡ଼ଗାଁ ଚାମ୍ପିଅନ୍ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ




୪ଟି ଟିମ ଅଂଶଗ୍ରହଣ କରିଥିଲେ। ଆଜି ହାଇ ଭୋଲ୍‌ଟେଜ୍ ଏବଂ ରୟାଲ ଚ୍ୟାଲେଞ୍ଜର ବଡ଼ଗାଁ ମଧ୍ୟରେ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇ ଭୋଲ୍‌ଟେଜ୍ ଟିମ୍ ଚାମ୍ପିଅନ୍ ହୋଇଛି। ଅତିଥି ଭାବେ ସମିତିସଭ୍ୟ ଗିରିଶ ଚନ୍ଦ୍ର ଦଳାଇ, ସମାଜସେବୀ ନେତ୍ରାନନ୍ଦ ସାହୁ, ସମାଜସେବୀ ଶ୍ୟାମସୁନ୍ଦର ମହାନ୍ତି, ସୁତେଇ ନାଏବ ସରପଞ୍ଚ ସନ୍ତୋଷ ମହାନ୍ତି, ଡି.ପି. ଏଫ.ଓ ଚନ୍ଦ୍ରକାନ୍ତ ଘଡ଼େଇ, ସମାଜସେବୀ ଦାମୋଦର ମହାନ୍ତି, ବଂଶୀଧର ସ୍ୱାଇଁ, ଶିକ୍ଷକ ଗଣେଶ ସିଂ, ପୂର୍ବତନ ଖେଳାଳି ବିଜୟ ମହାନ୍ତି, ସୁତେଇ ୱାର୍ଡ ମେମ୍ବର ଅନିଲ ରାଉତ, ଶ୍ୟାମରାଇପୁର ୱାର୍ଡ ମେମ୍ବର ଅଜୟ ମହାନ୍ତି, ସୁତେଇ ପୂର୍ବତନ ସ୍କୁଲ ଚେୟାରମେନ ରବୀନ୍ଦ୍ର ମହାନ୍ତି ଯୋଗଦେଇ ଅଭିଭାଷଣ ରଖିଥିଲେ। ଅତିଥି ମାନେ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଟିମକୁ ଟ୍ରଫି ପ୍ରଦାନ କରିଥିଲେ।

### ମୌଳିକ ସୁବିଧାରୁ ବଞ୍ଚିତ ନାଳିଆଝରବାସୀ

# ଗରା, ବାଲ୍‌ଟି ଧରି ବ୍ଲକ୍ ଘେରିଲେ ଆଦିବାସୀ

ସୁକିନ୍ଦା,୨୫।୩(ସମିସ)



ପୋଲ ନିର୍ମାଣ ନାଁରେ ଜଳ ଯୋଗାଣ ପାଇପ୍‌କୁ କାଟି ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରି ମୌଳିକ ସୁବିଧାରୁ ବଞ୍ଚିତ କରିବା ପ୍ରତିବାଦରେ ଉପେକ୍ଷିତ ଆଦିବାସୀଙ୍କ ପକ୍ଷରୁ ବ୍ଲକ ଘେରଉ। ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତିବାରୀ ପଞ୍ଚାୟତ ଅଧୀନ ନାଳିଆଝର ଗ୍ରାମରେ ଜଳଯୋଗାଣ ବିଚ୍ଛେଦକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମର୍ମରେ ଆଦିବାସୀମାନେ ଗରା, ବାଲଟି ଧରି ବିଡିଓଙ୍କ କାର୍ଯ୍ୟାଳୟ ଘେରଉ କରିଥିବା ଦେଖିବାକୁ ମିଳିଛି। ଫଳରେ ସୁକିନ୍ଦା ବିଡିଓଙ୍କ ସହ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଏସଡିଓ ନାକେଦମ ହୋଇଥିବା ଦେଖିବାକୁ ମିଳିଛି। ଗାଁକୁ ରାସ୍ତାଟିଏ ସଂଯୋଗୀକରଣ ହୋଇନଥିବା ବେଳେ ଜଙ୍ଗଲ ଜମିରେ ରହୁଥିବା ଆଦିବାସୀ ପରିବାର ଗୁଡିକ ପାଇଁ ଘରଡିହ ପଟ୍ଟା, ଜଙ୍ଗଲ ଅଧିକାର ଆଇନ ସତେ ଯେପରି ସାତ ସପନ ହୋଇଯାଇଛି। ବିଦ୍ୟୁତ ତାର କେହି ଦୁର୍ବୃତ୍ତ କାଟି ନେବା ପରେ ଏହି ଆଦିବାସୀମାନେ ଡିବି ଆଲୁଅ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏପଟେ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତାମ୍ବେରା ନାଳ ଉପରେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଆର୍‌ଡି ବିଭାଗ ପକ୍ଷରୁ ଆରଡବ୍ଲୁଏସଏସ ବିଭାଗକୁ ଚିଠି କରାଯାଇ କଣ୍ଟ୍ରାକ୍ଟର ନିୟୋଜିତ କରାଯାଇଛି। ପୁରୁଣା ପୋଲକୁ ମେସିନ ଲଗାଇ ଭାଙ୍ଗିବା କାମ ଆରମ୍ଭ କରାଯାଇଛି। ନାଳିଆଝର ବସ୍ତିକୁ ଜଳ ଯୋଗାଣ ନିମନ୍ତେ ସଂଯୋଗ ହୋଇଥିବା ଜଳ ଯୋଗାଣ ପାଇପକୁ କଟର ମେସିନ ଦ୍ୱାରା କାଟି ଜଳ ଯୋଗାଣକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଫଳରେ ଲୋକେ ପାନୀୟ ଜଳ ପାଇଁ ବିଗତ ପନ୍ଦର ଦିନ ହେବ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ନିୟୋଜିତ ଠିକାଦାରଙ୍କ ଠାରୁ ଗ୍ରାମ୍ୟ ଉନ୍ନୟନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଜେଇ, ଏସଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଜଳ ଯୋଗାଣ ନିମନ୍ତେ କୌଣସି ପଦକ୍ଷେପ ନନେବାରୁ ନାଳିଆଝରର ନିତିମା ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ମାନି ମୁଣ୍ଡା, ଶାନ୍ତି ମୁଣ୍ଡା, ଜିତେନ୍ ମୁଣ୍ଡା, ବିଦ୍ୟା ମୁଣ୍ଡା ମୂଳ ନିବାସୀ ଯୁବ ଛାତ୍ର ସାମ୍ମୁଖ୍ୟ ତଥା ଆଇନଜୀବୀ ବିଭ୍ରାନ୍ତ ବିଶ୍ୱଜିତ, ଲିଲୁ ଦାସ, ରବୀନ୍ଦ୍ର ପାତ୍ର, ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ସୁକିନ୍ଦା ହନୁମାନ ମନ୍ଦିରରୁ ଏକ ରାଲି ବାହାରି ଗରା ବାଲଟି ଧରି ବିଡିଓଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଦୀର୍ଘ ସମୟର ଆନ୍ଦୋଳନ ପରେ ସୁକିନ୍ଦା ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ଆନ୍ଦୋଳନ କାରୀଙ୍କ ନିକଟରେ ଆଲୋଚନା କରିଥିଲେ। ପାଇପ୍ ମରାମତି କରି ଦୁଇ ତିନି ଦିନ ମଧ୍ୟରେ ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେବା ସହ ତୁରନ୍ତ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇ ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ୩୫୦୦ ଟଙ୍କା ଭତ୍ତା ଅପେକ୍ଷାରେ ଜଗବନ୍ଧୁ



କୟାଁଗୋଲା,୨୫।୩(ସମିସ): 'ମୋତେ ୮୫ ବର୍ଷ ବୟସ ହେଲାଣି। ଆମ ପଞ୍ଚାୟତରେ ମୋ ଠାରୁ ସାନ ମାନେ ୩୫୦୦ ଟଙ୍କା ପାଉଛନ୍ତି। କିନ୍ତୁ ମୋତେ ଏବେ ୧ ହଜାର ଟଙ୍କା ମିଳୁଛି। ମୋତେ କ'ଣ ୩୫୦୦ ଟଙ୍କା ଭତ୍ତା ମିଳିବା ବୟସ ହୋଇନାହିଁ? ମାସକୁ ମୋର ଔଷଧ ବାବଦରେ ଖର୍ଚ୍ଚ ୫୦୦ରୁ ଊର୍ଦ୍ଧ୍ୱ ହୋଇଯାଉଛି। ମହରଗ ଦୁନିଆରେ ଚଳିବା ମୋ ପାଇଁ କଷ୍ଟକର ହେଉଛି।' ଏହିପରି ନିଜର ଦୁଃଖ କଥା ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ବରେଇଁ ଗ୍ରାମର ଜଗବନ୍ଧୁ ଯେନା ଜଣାଇଛନ୍ତି। ବୟସାଧିକ ଯୋଗୁଁ ଠିକ୍‌ରେ ଚାଲି ପାରୁନାହାନ୍ତି। ଅଟୋ ଯୋଗେ ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣୁନାହାନ୍ତି। ପଞ୍ଚାୟତରେ ତାଙ୍କ ଠାରୁ ବୟସରେ ସାନ ଲୋକମାନେ ବର୍ଦ୍ଧିତ ଭତ୍ତା ପାଉଥିବା ବେଳେ ସେ ଏଥିରୁ ବଞ୍ଚିତ। ଭତ୍ତା ଦାୟିତ୍ୱରେ ଥିବା ଅଧିକାରିଣୀଙ୍କୁ ଭତ୍ତା ସମ୍ପର୍କରେ ପଚାରିଲେ ସେ କହୁଛନ୍ତି ଉପରୁ ଅର୍ଡର ଆସିଲେ ଆମ୍ଭେ ଦେବୁ। ଜଗବନ୍ଧୁ ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ ବ୍ଲକ୍ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱର ବୃଦ୍ଧ ବୃଦ୍ଧାଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ନିମନ୍ତେ ଘୋଷଣା କରିଥିବା ବେଳେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ଶତାଧିକ ବୟସ୍କ ବ୍ୟକ୍ତି ଏହି ଭତ୍ତା ପାଇବା ନିମନ୍ତେ ଅପେକ୍ଷା କରିଛନ୍ତି। କିନ୍ତୁ ସେମାନଙ୍କୁ ବର୍ଦ୍ଧିତ ଭତ୍ତା କେବେ ମିଳିବ ତାର ଠିକ୍ ଠିକଣା ନାହିଁ। ବୟସ୍କ ହିତାଧିକାରୀମାନେ ବ୍ଲକକୁ ଧାଉଁଥିବା ବେଳେ କର୍ତ୍ତୃପକ୍ଷ ଉତ୍ତରରେ ସରକାର ଦେଲେ ସେମାନେ ଭତ୍ତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ କିଭଳି ଭାବେ ବୃଦ୍ଧା ବୃଦ୍ଧ ହନ୍ତସନ୍ତ ହେଉଛନ୍ତି ତାହା ଜଗବନ୍ଧୁଙ୍କ ଭଳି ଭତ୍ତା ହିତାଧିକାରୀଙ୍କ ଘଟଣା ହିଁ ସ୍ପଷ୍ଟ କରୁଛି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ନଜର ଦେବାକୁ ସାଧାରଣ ବାଦି ହୋଇଛି।

## ସଂଗ୍ରାମୀ ବୈଷ୍ଣବ ଚରଣ ଜେନାଙ୍କ ସ୍ମୃତି ସମାରୋହ

କୟାଁଗୋଲା,୨୫।୩(ସମିସ): ମଙ୍ଗଳପୁର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟାଳୟରେ ବରିଷ୍ଠ ଶିକ୍ଷକ ନେତା ରବି ଶତପଥୀଙ୍କ ସଭାପତିତ୍ୱରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା, ଅବିଭକ୍ତ ଦୁଦୁରାଅଣ୍ଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଓ ବରିଷ୍ଠ କମ୍ୟୁନିଷ୍ଟ ନେତା ବୈଷ୍ଣବ ଚରଣ ଜେନାଙ୍କ ନବମ ପୁଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସଂଗ୍ରାମୀ ତଥା କନିକାପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବନମାଳୀ ବାଇଙ୍କୁ ବୈଷ୍ଣବ ଜେନା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବରେ ସିପିଆଇଏମର ନେତୃତ୍ୱ ବିଜୟ କୁମାର ନାୟକ, ଅମୂଲ୍ୟ ସାମଲ, ସମାଜକର୍ମୀ ମହେଶ୍ୱର ଜେନା, ଯତୀନ୍ଦ୍ର ନାଥ କର, ଚନ୍ଦ୍ରକାନ୍ତ ସାହୁ, ସିପିଆଇ ଜିଲ୍ଲା ସମ୍ପାଦକ ଈଶ୍ୱର ପରିଡ଼ା, ଜିଲ୍ଲା ସହ ସମ୍ପାଦକ ଅଜୟ ବିଶ୍ୱାଳ ଓ ଅଭୟ କୁମାର ପଣ୍ଡା, ବରିଷ୍ଠ କମ୍ୟୁନିଷ୍ଟ ନେତା ନବକିଶୋର ବେହେରା, ଶିବ ଚରଣ ଜେନା ଯୋଗ ଦେଇଥିଲେ। ଜୋନ୍ ସହ ସମ୍ପାଦକ ବିଜୟ କୁମାର ନାୟକ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଶାଖା ସମ୍ପାଦକ ଦୁର୍ଯ୍ୟୋଧନ ବାରିକ, ବରିଷ୍ଠ ଶିକ୍ଷାବିତ୍ ଧ୍ରୁବଚରଣ ସାହୁ, ମଳୟ କୁମାର ପଣ୍ଡା, ଚୌଧୁରୀ ଜେନା, ବଂଶୀଧର ଦାସ, ବିଷ୍ଣୁଚରଣ ଦାସ, ରାଧାଶ୍ୟାମ ରାଉତ, କାଳନ୍ଦୀ ମଲ୍ଲିକ, ବନମାଳୀ ଦାସ ସହାୟତା କରିଥିଲେ।

## ବାସନ୍ତିକ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ବାଲେଶ୍ୱର



ବାଲେଶ୍ୱର,୨୫।୩(ସମିସ): ବାସନ୍ତୀ ପୂଜା ପାଇଁ ଚଳଚଂଚଳ ହୋଇଉଠିଛି ବାଲେଶ୍ୱର। ସହରଠାରୁ ଗାଁ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତିପୀଠ ଏବଂ ସାର୍ବଜନୀନ ପୂଜାମଣ୍ଡପ ମାନଙ୍କରେ ମା' ଦୁର୍ଗାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଶାସ୍ତ୍ରୀୟବିଧି ମତେ ବେଲବରଣ ପରେ ଘଟ ଉତ୍ତୋଳନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ବାଲେଶ୍ୱର ସହରର ଫାଣ୍ଡିଛକ ନ୍ୟୁ ମାର୍କେଟ କମ୍ପ୍ଲେକ୍ସ, ଭାସ୍କରଗଞ୍ଜ, ନୂଆସାହି, ଗୁଜୁରୀବଜାର, ଆଜିମାବାଦ ପ୍ରଭୃତି ବିଭିନ୍ନ ପୂଜା ମଣ୍ଡପମାନଙ୍କରେ ମା' ଦୁର୍ଗାଙ୍କର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ସହରର ବିଭିନ୍ନ ସ୍ଥାନରେ ବାସନ୍ତୀ ପୂଜା କରାଯାଉଥିବା ବେଳେ ଫାଣ୍ଡିଛକ ସ୍ଥିତ ନ୍ୟୁ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା କମିଟି ପକ୍ଷରୁ ମହା ଆଡମ୍ବର ସହକାରେ ବାସନ୍ତୀ ପୂଜା କରାଯାଉଛି। ଏଠିକାର ବ୍ୟବସାୟୀମାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ପ୍ରତିବର୍ଷ ବାସନ୍ତୀ ପୂଜା ଉତ୍ସବ ପାଳନ କରାଯାଇଥାଏ।

## ଭଣ୍ଡାରିପୋଖରୀ, କହରାପୋଖରୀ ଓ ବାରିକପୁରରେ ଚଇତି ଦୁର୍ଗାପୂଜା

ଭଣ୍ଡାରିପୋଖରୀ,୨୫।୩(ସମିସ): ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ପୂଜା ଅନୁଷ୍ଠିତ ହେଉଛି। ମଙ୍ଗଳବାର ବିଲ୍ୱାଧିବରଣ ସହ ଅଧିବାସ, ବୁଧବାର ମହାସପ୍ତମୀ ପୂଜା ଭଣ୍ଡାରିପୋଖରୀ ବଜାରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ମଣ୍ଡପରେ କାରିଗର କାଳିଆଙ୍କ ଦ୍ୱାରା ଗଢ଼ାଯାଇଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ନରନାରାୟଣ ପଣ୍ଡା ଓ ସାଥୀ ବିଧିମତେ ପୂଜା କରୁଛନ୍ତି। ବିଷ୍ଣୁଚରଣ ଦାଶ ଓ ପତ୍ନୀ ମମତା କର୍ତ୍ତା ଭାବେ ସଙ୍କଳ୍ପ କରିଛନ୍ତି। ଶନିବାର ଦଶହରା ପର୍ବ ପାଳନ ସହ ବିସର୍ଜନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଭସାଣ ଅନୁଷ୍ଠିତ ହେବ। ସମ୍ପୃକ୍ତ ମା' ବାସନ୍ତୀ ଦୁର୍ଗା କମିଟି ସଭାପତି ଅଖିଳ ବିହାରୀ ସାହୁ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା, ପିଣ୍ଟୁ, ସଞ୍ଜୁ, ଲିଟୁ, ରାଜା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି।

**ବାରିକପୁର:** ବାରିକପୁର ମା' ବାସନ୍ତୀ ଦୁର୍ଗା ପୂଜା କଲେଜ ପଡ଼ିଆ ସ୍ଥାୟୀ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହେଉଛି। ୧୯୬୮ ମସିହାରୁ ପ୍ରତିବର୍ଷ ଏହି ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ବଜାର କମିଟି ଓ ସ୍ଥାନୀୟ ବଜାରର ବ୍ୟବସାୟୀ, ଆଖପାଖ ଗ୍ରାମବାସୀ, ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। ପୂଜା ଉପଲକ୍ଷେ ଯାତ୍ରା ପରିବେଷଣ କରାଯିବ।

**ପରମାନନ୍ଦପୁର ବଜାର:** ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ବଜାର ପୁରାତନ ମଣ୍ଡପରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ବୁଧବାର ମହାସପ୍ତମୀ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। କାରିଗର ବଳରାମ ସାହୁଙ୍କ ଦ୍ୱାରା ଗଢ଼ାଯାଇଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ଗଗନ ମିଶ୍ର ଓ ସାଥୀ ବିଧିମତେ ପୂଜା କରୁଛନ୍ତି। ତ୍ରୈଲୋକ୍ୟ ମିଶ୍ର କର୍ତ୍ତା ଭାବେ ସଙ୍କଳ୍ପ ନେଇଛନ୍ତି। ଶନିବାର ଦଶହରା ପର୍ବ ପାଳନ ସହ ବିସର୍ଜନ କରାଯିବ।



**କହରାପୋଖରୀ:** ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗା ଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୮୧ ବର୍ଷ ହେବ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। କାରିଗର ମହେନ୍ଦ୍ର ସାହୁଙ୍କ ନିର୍ମିତ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ଗୋବର୍ଦ୍ଧନ ପଣ୍ଡାଙ୍କ ପୂଜା କରୁଛନ୍ତି। ଏହି ମଣ୍ଡପରେ ପ୍ରତ୍ୟହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା ଚାଲୁରହିଛି। ଏଠାରେ ମା'ଙ୍କ ପୂଜା ପାଇଁ ଚାନ୍ଦା ଆଦାୟ ନିଷିଦ୍ଧ କରାଯାଇ ମା'ଙ୍କ ନିଜସ୍ୱ ଆୟରୁ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥାଏ ବୋଲି ସମ୍ପୃକ୍ତ କମିଟି ପକ୍ଷରୁ ପ୍ରକାଶ। ଏଠାରେ ମଧ୍ୟ ଯାତ୍ରା ପରିବେଷଣ କରାଯିବ ବୋଲି ଜଣାଯାଇଛି। ଭରତ ଚନ୍ଦ୍ର ନାୟକ, କାହ୍ନୁଚରଣ ବେହେରା, ହରିହର ପାତ୍ର, ନାରାୟଣ ଚନ୍ଦ୍ର ପାତ୍ର ପ୍ରମୁଖ ଗ୍ରାମବାସୀ ଏହି ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

ଚୈତ୍ରର କାଳବୈଶାଖୀ ତାଣ୍ଡବ

# ଚାଷୀ ବେହାଲ; ଜନଜୀବନ ବିପର୍ଯ୍ୟସ୍ତ

ଅସୁରାଳି,୨୫।୩(ସମିସ)



ଋତୁରାଜ ବସନ୍ତର ଶେଷ ଭାଗରେ ଚୈତ୍ର ମାସର ପ୍ରଥମ ବର୍ଷା ଆଣିଦେଇଛି ପ୍ରଳୟର ଆଭାସ। ଦିନର ପ୍ରଖର ରୌଦ୍ରତାପ ପରେ ଅପରାହ୍ନରେ ହଠାତ୍ ଆକାଶରେ ଘୋଟି ଆସିଥିଲା ପୁଞ୍ଜିଭୂତ କଳାହାଣ୍ଡିଆ ମେଘ। ସାମାନ୍ୟ କିଛି ସମୟ ଭିତରେ ବିଜୁଳି ଓ ଘଡ଼ଘଡ଼ି ସହ ଆରମ୍ଭ ହୋଇଥିଲା ପ୍ରକୃତିର କରାଳ ରୂପ। ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଯଥା- ଗୋବିନ୍ଦପୁର, ଅସୁରାଳି, କୋଠାର, ଧୂଷୁରୀ, ପାଳସାହି ଏବଂ ବେତାଳି ଗାଁ ଆଦି ସ୍ଥାନରେ ଏହି କାଳବୈଶାଖୀର ପ୍ରଭାବ ସବୁଠାରୁ ଅଧିକ ଦେଖିବାକୁ ମିଳିଛି। ପ୍ରବଳ ପବନ ଓ କୁଆପଥର ମାଡ଼ରେ ଅଞ୍ଚଳର ବହୁ ଦ୍ରୁମ ଓ ମହାଦ୍ରୁମ ଉପୁଡ଼ି ଭୂଇଁରେ ଲୋଟି ପଡ଼ିଛି। ପବନର ତୀବ୍ରତା ଏତେ ଥିଲା ଯେ, ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ପୋଲ୍ ଉପରେ ଗଛ ପଡ଼ିଯିବା ଫଳରେ ତାର ଛିଡ଼ି ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। କିଛି ଗରିବ ପରିବାରଙ୍କ ଆସବାବପତ୍ର ସହ ଘରର ଛପର ଉଡ଼ିଯାଇଥିବାରୁ ସେମାନେ ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା ଦେଖାଯାଇଛି। ଏହି ବର୍ଷାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ସ୍ଥାନୀୟ ଚାଷୀକୁଳ। କୁଆପଥର ମାଡ଼ ଯୋଗୁଁ ବିଲରେ ଥିବା ପନିପରିବା ଓ ଅନ୍ୟାନ୍ୟ ରବି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷ ସାରାର ପରିଶ୍ରମ ମାତ୍ର କେଇ ମିନିଟ୍‌ର ଝଡ଼ରେ ମାଟିରେ ମିଶିଯାଇଥିବାରୁ ଚାଷୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ପ୍ରଳୟଙ୍କରୀ ପାଗ ଯୋଗୁଁ ଚାହୁଁ ଚାହୁଁ ବଜାରଘାଟ ଶୂନ୍ୟ ହୋଇଯାଇଥିଲା। ଦୋକାନୀମାନେ ନିଜ ନିଜ ବ୍ୟବସାୟ ବନ୍ଦ କରି ଦେଇଥିବାବେଳେ ରାସ୍ତାଘାଟରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସାଧାରଣରେ ଦାବି ହୋଇଛି।

### ମଣ୍ଡିରେ ଭିଜୁଛି ଧାନ; ଚାଷୀଙ୍କ ଆଖିରେ ଲୁହ

**ଅସୁରାଳି:** ଅଦିନିଆ ବର୍ଷାର କରାଳ ରୂପ ଏବେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବର୍ଷ ସାରା ଖରା, ବର୍ଷା ଓ ଶୀତ କଷ୍ଟ ସହି ଅମଳ କରିଥିବା ସୁନା ଭଳି ଧାନ ଏବେ ମଣ୍ଡିରେ ପଡ଼ି ଭିଜୁଛି। ପ୍ରଶାସନିକ ଅବହେଳା ଯୋଗୁଁ ହଜାର ହଜାର କ୍ୱିଣ୍ଟାଲ ଧାନ ନଷ୍ଟ ହେବାକୁ ବସିଥିବାବେଳେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଧାନ କିଣା ପ୍ରକ୍ରିୟାର ଅବଧି ସରି ଆସୁଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠାଯାଉନାହିଁ। ପ୍ରଥମେ ଏଫ୍‌ଏକ୍ୟୁ (ଫେୟାର ଆଭରେଜ୍ କ୍ୱାଲିଟି) ମାନର ଆଳ ଦେଖାଇ ଧାନ କିଣାରେ ବିଳମ୍ବ କରାଯାଇଥିଲା। ଏବେ ଯେତେବେଳେ ଚାଷୀ ମଣ୍ଡିକୁ ଧାନ ଆଣିଛନ୍ତି, ସୁରକ୍ଷା ପାଇଁ କୌଣସି ପଲିଥିନ କିମ୍ବା ଛାତର ବ୍ୟବସ୍ଥା ନାହିଁ। ଫଳରେ ଅଦିନିଆ ବର୍ଷାରେ ଧାନ ବସ୍ତାଗୁଡ଼ିକ ଭିଜି ଗଜା ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପରିସ୍ଥିତି ବରଗଡ଼ା, କୋଠାର, କଟସାହି, ପାଳସାହି, ଧୂଷୁରୀ, ବମକୁରା, ଚୁଡ଼ାକୁଟି, ସୁନ୍ଦରପୁର ପ୍ରଭୃତି ସମବାୟ ସମିତିରେ ଦେଖିବାକୁ ମିଳିଛି। ସ୍ଥାନୀୟ ଚାଷୀ କୋହଭରା କଣ୍ଠରେ କହିଛନ୍ତି, "ଆମେ ଦିନରାତି ଏକ କରି ଧାନ ଅମଳ କଲୁ। ଭାବିଥିଲୁ ଧାନ ବିକି ପରିବାର ଚଳାଇବୁ, କିନ୍ତୁ ଏବେ ସବୁ ପାଣିରେ ଗଲା। ପ୍ରଶାସନ ଆମ କଥା ଶୁଣୁନି କି ମିଲରମାନେ ଧାନ ଉଠାଉ ନାହାନ୍ତି। ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ମଣ୍ଡିରୁ ଧାନ ଉଠାଇବା ପାଇଁ ପର୍ଯ୍ୟାପ୍ତ ଗାଡ଼ିର ବ୍ୟବସ୍ଥା ନାହିଁ। ମଣ୍ଡିରେ ଧାନ ରଖିବା ପାଇଁ ପକ୍କା ଚଟାଣ କିମ୍ବା ଉପରୁ ଆବରଣ ନାହିଁ। ଧାନ କିଣା ଅବଧି ଶେଷ ହେବାକୁ ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଭୟ ବଢୁଛି। ପ୍ରଶାସନର ଏହି ନିନ୍ଦନୀୟ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ଥାନୀୟ ଚାଷୀମାନେ ପ୍ରତିବାଦ କରିଛନ୍ତି। ଯଦି ତୁରନ୍ତ ଧାନ ଉଠା ନ ଯାଏ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ନ ମିଳେ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।





### ତିହିଡ଼ି ବଜାରରେ ଦୁଇ ସ୍ଥାନରେ ଭାଙ୍ଗିଲା ଦଶହରା ତୋରଣ

**ତିହିଡ଼ି:** ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଦଶହରା ଉତ୍ସବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ତିହିଡ଼ି ବଜାରକୁ ଗେରୁଆ ତୋରଣରେ ସୁସଜ୍ଜିତ କରାଯାଇଛି। ତେବେ ବୁଧବାର ଅପରାହ୍ନରେ ବର୍ଷା ଓ ପବନ ବହିବା ଫଳରେ ତିହିଡ଼ି ବଜାର ମଧ୍ୟସ୍ଥଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଉପରେ ନିର୍ମିତ ହୋଇଥିବା ସୁଦୃଶ୍ୟ ତୋରଣଟି ଭାଙ୍ଗି ପଡ଼ିଥିଲା। ସେହିପରି ତିହିଡ଼ି ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖରେ ଭଦ୍ରକ-ଚାନ୍ଦବାଲି ରାସ୍ତା ଉପରେ ନିର୍ମିତ ତୋରଣଟି ମଧ୍ୟ ଭାଙ୍ଗିଯାଇଛି। ରାସ୍ତାରେ ଯାନବାହନ ଚଳାଚଳ ମଧ୍ୟ କିଛି ସମୟ ପାଇଁ ବ୍ୟାଘାତ ହୋଇଯାଇଥିଲା।

## ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠା ଦିବସ

ସୋର,୨୫।୩(ସମିସ): ଅହମଦୀୟା ମୁସଲିମ୍ ସମ୍ପ୍ରଦାୟର ପ୍ରତିଷ୍ଠା ଦିବସ ଅବସରରେ ସୋର ଅହମଦୀୟା ମୁସ୍‌ଲିମ ସଂଗଠନ ତରଫରୁ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଏକ ଧର୍ମସମ୍ମିଳନୀ ଅହମଦୀୟା ମସ୍‌ଜିଦ ପ୍ରାଙ୍ଗଣରେ ସଂଗଠନର ସଭାପତି ସୟଦ ଓସିମ ଅହମଦ୍ ସାହେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱଶାନ୍ତି ଓ ମଙ୍ଗଳ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ସିରାଜ ଖାନ୍, ସୋଏବ ଅଲ୍ଲୀ, ଶେଖ୍ ଅଜିମ, ଅବଦୁଲ ଓଦୁଦ ଖାନ୍, ଶେଖ୍ ଅବଦୁର୍ ରସିଦ ଓ ମୌଲବୀ ଜନାବ୍ ଶରିଫ୍ ଖାନ୍ ଯୋଗଦେଇ ନିଜ ନିଜର ବକ୍ତବ୍ୟରେ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାକୁ ୧୩୭ ବର୍ଷ ବିତିଗଲାଣି ଏବଂ ଏହାର ପ୍ରତିଷ୍ଠାତା ହଜରତ୍ ମିର୍ଜା ଗୁଲାମ ଅହମ୍ମଦ ସାହେବଙ୍କ ବାର୍ତ୍ତା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବୀୟ ସହାନୁଭୂତି, ଭ୍ରାତୃଭାବ ଏବଂ ମୈତ୍ରୀର ଭାବ ପ୍ରଦାନ କରିଥାଏ ବୋଲି କହିଥିଲେ। ଦ୍ୱିତୀୟ ଦିନରେ ନାରୀ ସଂଗଠନ ଲଜନା ଇମାଉଲ୍ଲା ସୋର ତରଫରୁ ସଭାପତି ନବିଲା ଉଦୁଦ୍‌ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମର ସଂପାଦିକା ସୁମତୀ ମହାନ୍ତି, ଆରତି ଦେବୀ ବୃଦ୍ଧାଶ୍ରମର ସହସଂପାଦିକା ମୁନିମତି ଆରତି ଦେବୀ, ପୁଷ୍ପଲତା ନାୟକ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସେକ୍ ୱସିମ, ସେକ୍ ଅବଦୁଲ ଅଜିଜ, ଇଫତେଖାର ଅଲ୍ଲୀ, ସେକ ସରୱର ଅହମ୍ମଦ, ଇମ୍ରାନ ଖାନ୍, ନୁସରତ୍ ଜାହାନ୍ ପ୍ରମୁଖ ସହେଯୋଗ କରିଥିଲେ।

